ପ୍ରେସ୍ ନୋଟ୍

## ନାଲ୍କୋ କୋଇଲା ଖଣିର ରେଲୱ୍ୱେ ସାଇଡିଙ୍ଗ ପାଇଁ ଅଧିଗ୍ରହଣ ହୋଇଥିବା ଯାଗାର ବିସ୍ଥାପିତମାନଙ୍କ ଦାବୀକୁ ନେଇ ତ୍ରିପାକ୍ଷିକ ବୈଠକ ।

ଅନୁଗୋଳ,ତା.୨୧.୪:- ନାଲ୍କୋ କମ୍ପାନୀର ଉତ୍କଳ ଇ କୋଇଲା ଖଣି ପାଇଁ ରେଲୱ୍ୱେ ସାଇଡିଙ୍ଗର ଜମି ଅଧିଗ୍ରହଣ ହୋଇଥିବା ଗ୍ରାମର ଗ୍ରାମବାସୀମାନେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କୁ ଥଇଥାନ ସମ୍ପର୍କରେ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ । ସରକାରଙ୍କ ବିସ୍ଥାପିତ ଓ ଥଇଥାନ ନୀତି ଅନୁଯାୟୀ ଗ୍ରାମବାସୀଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯିବା ସମ୍ପର୍କରେ ଜିଲ୍ଲାପାଳଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଗ୍ରାମବାସୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୦୧୧ ମସିହାରେ ଅଧିଗ୍ରହଣ ହୋଇଥିବା ଜମିର ଏକର ପ୍ରତି ବର୍ଦ୍ଧିତ ଅର୍ଥ ରାଶି ପ୍ରଦାନ, ସମସ୍ତ ପରିବାରର ସଦସ୍ୟମାନଂକ ନିଯୁକ୍ତି ପ୍ରଦାନ ଓ ମାସିକ ପ୍ରୋତ୍ସାହନ ଭତ୍ତା ପ୍ରଦାନ ଆଦି ଦାବୀଗୁଡିକୁ ଗ୍ରାମବାସୀମାନେ ଉପସ୍ଥାପନା କରିଥିଲେ । ସରକାରଂକ ଦ୍ୱାରା ପ୍ରଚଳିତ ବିସ୍ଥାପିତ ଓ ଥଇଥାନ ନୀତିକୁ ଅନୁସରଣ କରାଯାଇ ଗ୍ରାମବାସୀମାନଂକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଖୁବ୍ ଶିଘ୍ର ଗ୍ରାମବାସୀମାନଂକ ସହିତ କମ୍ପାନୀ କର୍ତ୍ତୃପକ୍ଷଂକୁ ନେଇ ଆଉ ଏକ ବୈଠକ ଗ୍ରାମରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ୧୦ ଡେସିମିଲ ଯାଗା ଓ ୩ ଲକ୍ଷ ଟଂକା ସମେତ ବିଭିନ୍ନ ଥଇଥାନ ସୁବିଧା ପ୍ରତ୍ୟେକ ପରିବାରକୁ ପ୍ରଦାନ କରାଯିବ । ଏହି ବୈଠକରେ ଅତିରିକ୍ତ ଉପ ଜିଲ୍ଲାପାଳ ଶ୍ରୀ ବଇତୁରା ଦିପ୍, ଭୂ-ଅର୍ଜନ ଅଧିକାରୀ(ସାଧାରଣ) ଇଷାନି ପଣ୍ଡା,ଛେଣ୍ଡିପଦା ତହସିଲଦାର ଶ୍ରୀ ଡାନିଏଲ ଏକ୍କାଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୨୭୪ ତା. ୨୧.୦୪.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ



